# Akashvani, Sambalpur

## SAMBALPURI NEWS EVENING BULLETIN

**17 August 2025- 7.02 pm- 7.12 pm.**

*********************************************

୧- ନିର୍ବାଚନ୍ କମିଶନ୍ କେନ୍‌ସି ଦଲ୍ ଲାଗି ପକ୍ଷପାତିତା ନାଇଁକରନ୍ - ସ୍ପଷ୍ଟ କଲେ ଭାରତୀୟ ମୁଖ୍ୟ ନିର୍ବାଚନ୍ କମିଶନର୍ ।

୨- ରାଏଜେ ଅପରାଧ୍ ନିୟନ୍ତ୍ରଣ୍ ଲାଗି ଜାରି ରହେବା ଅପରେସନ୍ ଗରୁଡ୍- ସୂଚ୍‌ନା ଦେଲେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ।

୩- ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍‌ଥି ୭ କୋଟିନୁ ଅଏତ୍‌କା ସେଲ୍‌ଫି ଅପ୍‌ଲୋଡ୍ ହେଇଥିବା ସର୍‌କାର୍‌ଙ୍କର୍ ସୂଚ୍‌ନା ।

ଆଉର୍

୪- ଓଡ଼ିଶା ଯାତ୍ରୀ ପ୍ଲାଟ୍‌ଫର୍ମକେ ଅଏତ୍‌କା ମହିଳା କରୁଛନ୍ ବେଭାର୍- ପରିସଂଖ୍ୟାନ୍ ତଥ୍ୟନୁ ମିଲ୍‌ଲା ସୂଚ୍‌ନା ।

ନିର୍ବାଚନ୍ କମିଶନ                    ଆର୍ଏନ୍ୟୁ/ କଟକ୍

ନିର୍ବାଚନ୍ କମିଶନ୍ କେନ୍ସି ଦଲ୍ ଲାଗି ପକ୍ଷପାତିତା ନାଇଁ କରନ୍ ବଲି ଭାରତ୍ର ମୁଖ୍ୟ ନିର୍ବାଚନ୍ କମିଶନର୍ ଜ୍ଞାନେଶ୍ କୁମାର୍ ସ୍ୱଷ୍ଟିକରଣ୍ ଦେଇଛନ୍ । ନୂଆଦିଲ୍ଲୀ ଠାନେ ଆଏଜ୍ ହେଇଥିବା ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଶ୍ରୀ କୁମାର୍ କହିଛନ୍, ନିର୍ବାଚନ୍ କମିଶନ୍ଙ୍କର୍ ଲାଗି କେନ୍ସି ପକ୍ଷ କି ବିପକ୍ଷ ଦଲ୍ ନାଇଁଥାନ୍ । ଲୋକ୍ସଭା ନିର୍ବାଚନ୍ଥି ୧ କୋଟିନୁ ଅଏତ୍କା କର୍ମଚାରୀ, ୧୦ ଲାଖ୍ ନୁ ଅଏତ୍କା ବୁଥ୍ ଏଜେଂଟ୍, ୨୦ ଲାଖ୍ ନୁ ଅଏତ୍କା ପୁଲିଂ ଏଜେଂଟ୍ ସାମିଲ୍ ଥିଲେ । ଏତେ ସ୍ୱଚ୍ଛତା ଭିତ୍ରେ ବିରୋଧୀମାନ୍କର୍ ଭୋଟ୍ ଚୋରି ବାଗିର୍ ଅଭିଯୋଗ୍ ଭିତିହୀନ ଆଏ ବଲି ଶ୍ରୀ କୁମାର୍ କହିଛନ୍ । ଫଲାଫଲ୍ ଘୋଷ୍ନାର୍ ୪୫ ଦିନ୍ ଭିତ୍ରେ କେନ୍ସି ଅଭିଯୋଗ୍ ଥିଲେ, କୋର୍ଟ ଯାଇପାର୍ବେ । ତାର୍ ଉତ୍ରୁ ଅଭିଯୋଗ୍ କଲେ ସେଟା ଗ୍ରହଣୀୟ ନାଇଁ ହୁଏ ବଲି ଶ୍ରୀ କୁମାର୍ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟ ନିର୍ବାଚନ୍ କମିଶନର୍)

ଅପରେସନ୍ ଗରୁଡ଼                    କଟକ୍ ସମ୍ବାଦଦାତା

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ନିର୍ଦ୍ଦେଶ୍‌ଥି ଗଲା ୧ ତାରିଖ୍‌ନୁ ସବୁ ଜିଲ୍ଲା ପୁଲିସ୍‌ର ଆରକ୍ଷୀ ଅଧିକ୍ଷକଙ୍କର୍ ନେତୃତ୍ୱଥି ଅପରେସନ୍ ଗରୁଡ଼ ଅଭିଯାନ୍‌କେ କାର୍ଯ୍ୟକାରୀ କରାଯାଇଥିଲା । ଇ ଅଭିଯାନ୍‌ର ୨ ନମ୍ବର୍ ହପ୍ତା ଗଲା ୧୬ ତାରିଖ୍ ତକ୍ ଅପରାଧ୍ ଆର୍ ଅପରାଧୀ ମାନ୍‌କର୍ ବିରୋଧ୍‌ଥି ପୁଲିସ୍ ତରଫୁ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯାଇଥିଲା । ଇ ଅଭିଯାନ୍ ଖାସ୍ କରି ଜାମିନ୍ ବିହିନ ୱାରେଂଟ୍‌କେ କାର୍ଯ୍ୟକାରୀ କର୍‌ବାର୍, ନିଶା ଦରବ୍ ଚୁରାଚାଲାଣ୍‌କେ ରୁକ୍‌ବାର୍, ବେଆଇନ୍ ଅସ୍ତ୍ରଶସ୍ତ୍ରକେ ଜବତ୍, ଜୁଆଆଡ୍ଡା ଉପ୍‌ରେ ଚଢ଼ଉ ବାଗିର୍ ଭିନ୍ ଭିନ୍ ଅପରାଧ୍‌ଥି ଜଡ଼ିତ୍ ଥିବା ଅଭିଯୁକ୍ତିମାନ୍‌କୁ ଗିରଫ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଥିଲା । ଇ ଅପରେସନ୍‌ର ୨ ନମ୍ବର୍ ହପ୍ତାଥି ସବୁ ଜିଲ୍ଲାର୍ ଆରକ୍ଷୀ ଅଧୀକ୍ଷକ୍ ଆର୍ ଅଲ୍‌ଗା ଅଧିକାରୀମାନେ ସାମିଲ୍ ହେଇକରି ଅପରାଧ୍ ଆଉ ଅପରାଧୀମାନ୍‌କୁ ରୁକ୍‌ବାର୍ ଦିଗେ ବଡ଼ ସଫଳତା ପାଇଛନ୍ । ଆଏବା ଦିନେ ଭିଲ୍ ଅପରାଧ୍ ବିରୋଧ୍‌ଥି ଅପରେସନ୍ ଗରୁଡ଼ ଅଭିଯାନ୍ ଜାରି ରହେବା ବଲି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୂଚ୍‌ନା ଦେଇଛନ୍ ।

ହର୍‌ଘର୍ ତ୍ରିରଙ୍ଗା ଆର୍‌ଏନ୍‌ୟୁ/ କଟକ୍

ହର୍ ଘର୍ ତ୍ରିରଙ୍ଗା ଅଭିଯାନ୍‌ର ୪ ନମ୍ବର୍ ସଂସ୍କରଣ୍‌ଥି ଦେଶେ ୭ କୋଟିନୁ ଅଏତ୍‌କା ସେଲ୍‌ଫି ଅପ୍‌ଲୋଡ଼୍ କରାଯାଇଛେ ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ପରିମଳ ଆଉ ପାନୀୟ ଜଳ ବିଭାଗ୍ ଆର୍ ଜଳଶକ୍ତି ଆଉ ସଂସ୍କୃତି ମନ୍ତ୍ରଣାଳୟ ମିଶିକରି କରିଥିବା ହର୍‌ଘର୍ ସ୍ୱଚ୍ଛତା ଅଭିଯାନ୍‌ଥି ୧ କୋଟି ୮୦ ଲାଖ୍ ସ୍ୱଚ୍ଛ ଗ୍ରାମ ସାମିଲ୍ ହେଇଥିଲେ । ହର୍ ଘର୍ ତ୍ରିରଙ୍ଗା ଅଭିଯାନ୍ ଚଲ୍‌ତି ମାସର୍ ୨ ତାରିଖ୍‌ନୁ ମୁଲ୍ ହେଇକରି ୧୫ ତାରିଖ୍‌ତକ୍ ଚାଲିଥିଲା । ଇଥି ସହରାଂଚଲ୍ ଆର୍ ଗ୍ରାମାଂଚଲ୍‌ର ୯ ଲାଖ୍‌ନୁ ଅଏତ୍‌କା ସ୍ୱେଚ୍ଛାସେବୀ ଇ ଅଭିଯାନଥି ସାମିଲ୍ ହେଇଥିଲେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ        I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଫେର୍‌ଘାଏ ଚିଠି ଜାରି          ଆର୍‌ଏନ୍‌ୟୁ/ କଟକ୍

ସର୍କାରୀ ନିଯୁକ୍ତି ଆବେଦନ୍ ପତ୍ରଥି ତୃତୀୟ ଲିଙ୍ଗ ମାନ୍କର୍ ଲାଗି ଖାସ୍ ବର୍ଗ ରହେବା ବଲି ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍ଫୁ ଫେର୍ଥରେ ସବୁ ବିଭାଗ୍କେ ଚିଠି ଲେଖାଯାଇଛେ । ତୃତୀୟ ଲିଙ୍ଗ ମାନ୍କର୍ ଲାଗି ରହିଥିବା ବାଛ୍ବିଚାର୍କେ ଦୂର୍ କର୍ବାର୍ ଲାଗି ତୃତୀୟ ଲିଙ୍ଗ ସୁରକ୍ଷା ଆଇନ୍ ୨୦୧୯କେ ସର୍କାର୍ ଲାଗୁ କରିଛନ୍ । ଇତାକେ ନଜର୍ଥି ରଖିକରି ନିଯୁକ୍ତି ପରୀକ୍ଷା ନିୟମ୍ଥି ପରିବର୍ତନ୍ କରିକରି ତୃତୀୟ ଲିଙ୍ଗମାନ୍କୁ ଗୁଟେ ଖାସ୍ ବର୍ଗ ଭାବେ ସାମିଲ୍ କର୍ବାର୍ ଲାଗି ଗଲା ମାର୍ଚ୍ଚ ମାସେ ସବୁ ବିଭାଗ୍କେ କୁହାଯାଇଥିଲା । ଜାରି କରାଯାଇଥିବା ପତ୍ରଥି କୁହାଯାଇଛେ ଯେ, ଅନ୍ଲାଇନ୍ ନାହେତ ସିଧାସଲଖ୍ ଆବେଦନ୍ପତ୍ରଥି ତୃତୀୟ ଲିଙ୍ଗ ମାନ୍କର୍ ଲାଗି ଖାସ୍ ବ୍ୟବସ୍ଥା ରହେବା ।

ପରଚାଲନା କମିଟି        ପୁରୀ ସମ୍ବାଦଦାତା

ଶ୍ରୀମନ୍ଦିର୍ ପରିଚାଲନା କମିଟି ଗଠନ୍ ହେବା ଆଏବା ହପ୍ତେ ଭିତ୍ରେ ବଲି ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ପରିଚାଲନା କମିଟି ଗଠନ୍ ନେଇକରି ସବୁ ପ୍ରକ୍ରିୟା ଶେଷ୍ ହେଇଛେ । କମିଟି ଗଠନ୍

ଉତ୍ରୁ ରତ୍ନଭଣ୍ଡାରର୍ ଅଲଙ୍କାର୍ ଗନ୍ତି କରାଯିବା । ରିଜର୍ଭ ବେଙ୍କ୍ ଅଫ୍ ଇଣ୍ଡିଆର୍ ୨ ଜନ୍ ଅଧିକାରୀ ଇଥିର୍ଲାଗି ନିଯୁକ୍ତ ହେଇଛନ୍ । ସେମାନ୍କର୍ ଉପସ୍ଥିତିଥି ଗନ୍ତି କାମ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଓଡ଼ିଶା ଯାତ୍ରୀ ଆପ୍ ଆର୍ଏନ୍ୟୁ/ କଟକ୍

ଓଡ଼ିଶା ଯାତ୍ରୀ ଗମନାଗମନ୍ ବ୍ୟବସ୍ଥା ଉପ୍ରେ ଅଏତ୍କାନୁ ଅଏତ୍କା ମହିଲା ଦିନୁ ଦିନ୍କେ ଭର୍ସା କରୁଥିବାର୍ ଗୁଟେ ପରିସଂଖ୍ୟାନ୍ନୁ ଜନାପଡ଼ିଛେ । ଓଡ଼ିଶା ଯାତ୍ରୀ ଆପ୍ ପ୍ଲାଟ୍ଫର୍ମନୁ ମିଲିଥିବା ସୂଚ୍ନା ଅନ୍ସାରେ ୫୭ ଦଶ୍ମିକ୍ ୪/୪ ପ୍ରତିଶତ୍ନୁ ଅଏତ୍କା ମହିଲା ତାର୍ ବେଭାର୍ କରୁଛନ୍ । ୨୦୨୪ ଅକ୍ଟୋବର୍ ନୁ ୨୦୨୫ ଜୁଲାଇ ଗଲା ୧୦ ମାସ୍ ଭିତ୍ରେ ଓଡ଼ିଶା ଯାତ୍ରୀ ବ୍ୟବସ୍ଥା ବେଭାର୍ କରିଥିବା ମୋଟ୍ ୨ ଲାଖ୍ ୫୭ ହଜାର୍ ଯାତ୍ରୀଙ୍କର୍ ଭିତ୍ରୁ ୧ ଲାଖ୍ ୪୮ ହଜାର୍ନୁ ଅଏତ୍କା ମହିଲା ଅଛନ୍ । ୨୦୨୪ ମସିହା ଅକ୍ଟୋବର୍ ମାସେ ଓଡ଼ିଶା ଯାତ୍ରୀ ଆପ୍ ପରୀକ୍ଷାମୂଲକ୍ ଭାବେ ମୁଲ୍ ହେଇଥିଲା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨୦୨୫ ଜାନୁଆରୀ ମାସେ ଓଡ଼ିଶା ଯାତ୍ରୀ ଆପ୍ର ଶୁଭାରମ୍ଭ କରିଥିଲେ । ମିଲିଥିବା ସୂଚ୍ନା ଅନ୍ସାରେ ଗଲା ଜାନୁଆରୀ ମାସେ ୬୧ ଦଶ୍ମିକ୍ ୬/୩

ପ୍ରତିଶତ୍ ଆଉ ଜୁଲାଇଥି ୫୫ ଦଶ୍ମିକ୍ ୩/୩ ପ୍ରତିଶତ୍ ମହିଲା ଇତାକେ ବେଭାର୍ କରିଥିଲେ । ଗୃହ ଆଉ ନଗର ଉନ୍ନୟନ୍ ବିଭାଗ୍ ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍, ପ୍ରବର୍ତନ୍ ଆଉ ପରିବହନ୍ କର୍ତୃପକ୍ଷଙ୍କର୍ ସହେତେ ଓଡ଼ିଶା ଯାତ୍ରୀ ଆପ୍ର ସମନ୍ୱୟ ମହିଲା ଆଉ ଅଲ୍ଗା ଦୁର୍ବଲ୍ ବର୍ଗର୍ ଲାଗି ଗୁଟେ ସୁରକ୍ଷିତ୍ ଆଉ ଦାୟିତ୍ୱପୂର୍ଣ୍ଣ ଯା'ଆସ୍ ଅଭିଜ୍ଞତା ବନେଇପାରିଛେ । ଓଡ଼ିଶା ଯାତ୍ରୀ, ଓଡ଼ିଶା ରାଜ୍ୟ ପରିବହନ୍ ପ୍ରାଧିକରଣ୍ ମିଲିତ୍ ଭାବେ ୩୦ ହଜାର୍‌ନୁ ଅଏତ୍କା ତୀର୍ଥଯାତ୍ରୀଙ୍କୁ ମାହାଲିଆ ଯାତ୍ରା ସୁବିଧା ଦେଇଛେ ବଲି ଶ୍ରୀମତୀ ପାଢ଼ୀ କହିଛନ୍ ।

ବୈଠକ୍ I&PR

ସହରାଂଚଲ୍ ଶାସନ୍ ଆଉ ନାଗରିକ୍ କୈନ୍ଦ୍ରିକ ସେବା ପ୍ରଦାନ୍‌କେ ବର୍‌କସ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇକରି ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ଜନସେବା ଅଧିକାର୍ ଆଇନ୍ ଉପ୍‌ରେ ଭୁବ୍‌ନେଶ୍ୱର୍ ଖାରବେଲ ଭବନ୍ ଠାନେ ଗୁଟେ ବୈଠକ୍ ହେଇଯାଇଛେ । ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ ଇଥି ଅଧ୍ୟକ୍ଷତା କରିକରି ଜନସେବା ଅଧିକାର୍ ଆଇନ୍ ଖାଲି ସେବା ଦେବାର୍ ଲାଗି ଗୁଟେ ଉପକରଣ୍ ନୁହେଁ ଇଟା ଶାସନ୍‌କେ ଫେର୍‌ଘାଏ ପରିଭାଷିତ୍ କର୍‌ବାର୍ ଲାଗି ଗୁଟେ

ପ୍ରତିବଦ୍ଧତା ଆଏ ବଲି କହିଛନ୍ । ସବୁ ସ୍ତର୍ ନ ଉତର୍ ଦାୟିତ୍ୱ, ଦକ୍ଷତା ଆଉ ସ୍ୱଚ୍ଛତାକେ ସାମିଲ୍ କରିକରି ଏନ୍ତା ସହର୍ ସୃଷ୍ଟି କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ । ଯେନ୍‌ଥି ନାଗରିକ୍‌ମାନେ ଶାସନ୍‌କେ ଗୁଟେ ଅଧିକାର୍ ଭାବେ ଅନୁଭବ୍ କର୍‌ବେ ବଲି ଶ୍ରୀମତୀ ପାଢ଼ୀ କହିଛନ୍ ।

ଜାତୀୟ ରକ୍ତଶିକୁଳି ନିରାକରଣ୍ ମିଶନ୍ ଆର୍‌ଏନ୍‌ୟୁ/ କଟକ୍

ଜାତୀୟ ରକ୍ତଶିକୁଳି ନିରାକରଣ୍ ମିଶନ୍ ଅଧୀନ୍‌ଥି ଗଲା ମାସ ଶେଷ୍‌ତକ୍ ୬ କୋଟିନୁ ଅଏତ୍‌କା ଲୁକ୍‌କର୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇସାରିଛେ । ପ୍ରଭାବିତ୍ ୧୭ ଟା ରାଜ୍ୟର୍ ୩ ଶହ ନୁ ଅଏତ୍‌କା ଜିଲ୍ଲା ନ ଇ ମିସନ୍ ଅଧୀନ୍‌ଥି ପରୀକ୍ଷା କରାଯାଇଛେ । ସେଥିର୍‌ଭିତ୍‌ରୁ ୨ ଲାଖ୍ ୧୮ ହଜାର୍ ସିକିଲ୍‌ସେଲ୍ ରୋଗ୍ ଲାଗି ଆକ୍ରାନ୍ତ ଥିବାର୍ ଜନାପଡ଼ିଛେ । ଇ ମିସନ୍ ଅଧୀନ୍‌ଥି ଓଡ଼ିଶା, ମଧ୍ୟପ୍ରଦେଶ୍, ଗୁଜରାଟ୍, ଛତିଶ୍‌ଗଡ଼୍ ଆର୍ ମହାରାଷ୍ଟ୍ର ଉପ୍‌ରେ ଧ୍ୟାନ୍ କେନ୍ଦ୍ରିତ ରହିଥିଲା । ରାଷ୍ଟ୍ରୀୟ ସ୍ୱାସ୍ଥ୍ୟନୀତି ୨୦୧୭ ଅଧାର୍‌ଥି ଇ ମିଶନ୍ ବାବ୍‌ଦେ ଗଲା ୨୦୨୩ ବଜେଟ୍‌ଥି ଘୋଷ୍‌ନା କରାଯାଇଥିଲା । ଚଲ୍‌ତି ଆର୍ଥିକ୍ ବଛର୍ ତକ୍ ୪୦ ବଛର୍‌ନୁ କମ୍ ବୟସର୍ ବର୍ଗର୍ ୭ କୋଟି ଯୁଆନ୍ ପିଲା ଟୁକେଲ୍ ମାନ୍‌କୁ ମିଶନ୍ ମୋଡ୍‌ଥି ଇ ଅଭିଯାନ୍ ଅଧୀନ୍‌ଥି ସ୍ୱାସ୍ଥ୍ୟ

ପରୀକ୍ଷା କରାଯିବାର୍ ଲକ୍ଷ୍ୟ ରଖାଯାଇଛେ । ୨୦୪୭ ତକ୍ ସିକିଲ୍ ସେଲ୍ ରୋଗ୍‌କେ ପୁରା ମୁଲୁଶେଷ୍ କର୍‌ବାର୍ ଲକ୍ଷ୍ୟ ନେଇକରି ଇ ମିଶନ୍‌କେ କାର୍ଯ୍ୟକାରୀ କରାଯାଇଛେ ।

ମହାକାଶ୍‌ଚାରୀଙ୍କ ଭାରତ ପ୍ରତ୍ୟାବର୍ତନ   ଆର୍‌ଏନ୍‌ୟୁ/ କଟକ୍

ମହାକାଶ୍‌ଚାରୀ ଭାରତୀୟ ବାୟୁସେନା ଗ୍ରୁପ୍ କେପ୍‌ଟେନ୍ ଶୁଭାଂଶୁ ଶୁକ୍ଳା ଆଏଜ୍ ଆମେରିକାନୁ ଭାରତ ଫିରିଛନ୍ । ଦିଲ୍ଲୀ ଆନ୍ତର୍ଜାତିକ ବିମାନ୍ ବନ୍ଦର୍ ନ ତାଙ୍କୁ ଆଏଜ୍ ସଖାଲେ ଭବ୍ୟ ସ୍ୱାଗତ୍ କରାଯାଇଥିଲା । ପହେଲା ଭାରତୀୟ ଭାବେ ଏକ୍ସିଅମ୍ ଫୋର୍ ମିଶନ୍‌ଥି ମହାକାଶ୍‌ଚାରୀ ଭାବେ ଶୁଭାଂଶୁ ଅନ୍ତର୍ଜାତୀୟ ମହାକାଶ୍ କେନ୍ଦ୍ରକେ ସଫଲତାର୍ ସହେତେ ଯାତ୍ରା କରିକରି ଗଲାମାସ ୧୫ ତାରିଖ୍ ପୁର୍‌ଥିକେ ଫିରିଥିଲେ । ତାର୍ ଉତ୍‌ରୁ ସ୍ୱାସ୍ଥ୍ୟଗତ ପରିବର୍ତନ୍ ଲାଗି ଶୁଭାଂଶୁ ଆମେରିକା ନ ରହିଥିଲେ ।

ଫାଷ୍ଟଟେଗ୍ ସୁବିଧା        ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜାତୀୟ ରାଜ୍‌ପଥ୍ ପ୍ରାଧିକରଣ୍ - ଏନ୍‌ଏଚ୍‌ଏଆଇ ଦେଶର୍ ପାଖାପାଖି ୧ ହଜାର୍ ଶହେ ୫୦ ଟା ଟୋଲ୍

ପ୍ଲାଜା ନ ଫାଷ୍ଟଟେଗ୍ ବାର୍ଷିକ୍ ପାସ୍ ସୁବିଧା କାର୍ଯ୍ୟକାରୀ କରିଛେ । ୭୯ ନମ୍ବର ସ୍ୱାଧୀନତା ଦିବସ୍ ପାଲନ୍ ଅବ୍‌ସରେ ଗଲାକାଏଲ୍‌ନୁ ଇ ବ୍ୟବସ୍ଥା କାର୍ଯ୍ୟକାରୀ ହେଇଛେ । ଗଲା ଜୁନ୍ ମାସ ୧୮ ତାରିଖ୍ ଦିନ ସଡ଼କ୍ ଆଉ ପରିବହନ୍ ମନ୍ତ୍ରୀ ନୀତିନ୍ ଗଡ୍‌କରୀ ଇ ପାସ୍ ବ୍ୟବସ୍ଥା କରିଥିଲେ ।

ବର୍‌ଗଡ୍ ନୂଆଖାଇ ଲଗନ୍ ବର୍‌ଗଡ୍ ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ପ୍ରମୁଖ ଗଣପର୍ବ ନୂଆଖାଇ ପରବ୍ ଲାଗି ବର୍‌ଗଡ୍ ଜିଲ୍ଲା ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ପୀଠ ନ ଇଥିର୍‌ଲାଗି ଲଗନ୍ ଧାରିଜ୍ ହେଇଛେ । ଭୁଦୋ ମାସର୍ ଉଜଲ୍ ପଖର୍ ପଂଚ୍‌ମୀ ତିଥି ନ ଆଏବା ୨୮ ତାରିଖ୍ ଗୁରୁବାର୍ ଦିନ ସଖାଲର୍ ୧୦ ବାଜିକରି ୨୩ ମିନିଟ୍ ନୁ ୧୦ ବାଜିକରି ୩୭ ମିନିଟ୍ ଭିତ୍‌ରେ ସାଧାରଣ୍ ଲୁକେ ଇଷ୍ଟଦେବୀ ଆଉ କୁଳଦେବାଦେବୀଙ୍କୁ ନବାନ୍ନ ଲାଗି କର୍‌ବେ । ବର୍‌ଗଡ୍‌ର ଇଷ୍ଟଦେବୀ ମା ସମଲେଇଙ୍କର୍ ଠାନେ ୨୭ ତାରିଖ୍ ବୁଧୁବାର୍ ଅଧ୍‌ରାତିନୁ ୨୮ ତାରିଖ୍ ଗୁରୁବାର୍ ପାହାଁତିଆ ଆଘୋନୁ ନବାନ୍ନ ଲାଗି ହେବା ବଲି ସୂଚ୍‌ନା ଦିଆଯାଇଛେ ।

ଡ୍ରାଇଭର୍ ନିଯୁକ୍ତି ହି.ସ.

ପୁଲିସ୍ ମୋଟର୍ ପରିବହନ୍ ପିଏମ୍‌ଟି ବିଭାଗ୍‌ଥି ଡ୍ରାଇଭର୍ ନିଯୁକ୍ତି ଲାଗି ଆଏବା ୨୨ ତାରିଖ୍‌ନୁ ଶାରୀରିକ ଦକ୍ଷତା ଆଉ ଡ୍ରାଇଭିଂ ପରୀକ୍ଷା ମୁଲ୍ ହେବା । ସମ୍ବଲ୍‌ପୁର୍, ଭୁବ୍‌ନେଶ୍ୱର୍, ବ୍ରହ୍ମପୁର୍, ବାଲେଶ୍ୱର୍ ଆଉ କଟକ୍ ଠାନେ ଇ ପରୀକ୍ଷା ହେବା ବଲି ଓଡ଼ିଶା ପୁଲିସ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଲିଖିତ୍ ପରୀକ୍ଷାଥି ପାସ୍ କଲା ଉତ୍‌ରୁ ଆଶାୟୀ ପ୍ରାର୍ଥୀମାନେ ପ୍ରବେଶ୍ ପତ୍ର ଡାଉନ୍‌ଲୋଡ୍ କର୍‌ବାର୍ ସହେତେ ଓଡ଼ିଶା ପୁଲିସ୍ ୱେବ୍‌ସାଇଟ୍‌ନୁ ଅଏତ୍‌କା ସୂଚ୍‌ନା ପାଇପାର୍‌ବେ ।

ଆସ ସ୍କୁଲ୍ ଯିବା ଅଭିଯାନ୍ ଆର୍‌ଏନ୍‌ୟୁ/ କଟକ୍

ଇ ଶିକ୍ଷା ବଛ୍‌ରେ ସାରା ରାଏଜେ 'ଆସ ସ୍କୁଲ୍ ଯିବା' ଅଭିଯାନ୍‌ଥି ସ୍ୱତନ୍ତ୍ର ଅଭିଭାବକ୍, ଶିକ୍ଷକ୍ ଶିକ୍ଷୟିତ୍ରୀ ଆଉ ବିଦ୍ୟାଳୟ ପରିଚାଳନା କମିଟି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଛାତ୍ରଛାତ୍ରୀମାନ୍‌କୁ ଶିକ୍ଷାର୍ ମୁଖିଆ ସ୍ରୋତଥି ସାମିଲ୍ କର୍‌ବାର୍ ବିଦ୍ୟାଳୟ ନାଇଁ ଯାଇଥିବାର୍ ଛୁଆକୁ ବୟସ୍ ହିସାବେ ଠିକ୍ ଶ୍ରେଣୀଥି ନାଁ ଲେଖବାର୍ ଆଉ ଛୁଆମାନେ ପାଠ୍‌ପଢ଼ା ନାଇଁ ଛାଡ୍‌ବାର୍ ଲାଗି ଦର୍‌କାରୀ ପଦକ୍ଷେପ୍ ବାବ୍‌ଦେ ଆଲୋଚନା ହେଇଥିଲା ।